

# ସଂଖ୍ୟାଜ୍ଞାନ ପାଠ ଯୋଜନା- ନଭେମ୍ବର ମାସ

**ଏକକ ଶ୍ରେଣୀ ପାଠ ଯୋଜନା** **ବିଷୟ : ଗଣିତ** **ସମୟ : ୯୦ ମିନିଟ**

| ଶ୍ରେଣୀ | ପାଠ | ଶିକ୍ଷଣ ଫଳାଫଳ | ଶିକ୍ଷଣ ସାମଗ୍ରୀ |
|---|---|---|---|
| **ପ୍ରଥମ** | **ଦୀପାବଳି** | • ସ୍ଥାନୀୟମାନର ଧାରଣା ବ୍ୟବହାର କରି ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ଲେଖିବ । | ଦଶ ଆଧାର ବ୍ଲକ , ସ୍ଥାନୀୟମାନ ମ୍ୟାଟ, କାଠି ,ରବର ବ୍ୟାଣ୍ଡ , ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ , ରଙ୍ଗ ପେନସିଲ , କାର୍ଯ୍ୟଫର୍ଦ୍ଦ ।   |

## ସକ୍ରିୟାତ୍ମକ କାର୍ଯ୍ୟ – ୧୦ ମିନିଟ

- ଶିକ୍ଷକ / ଶିକ୍ଷୟିତ୍ରୀ ପ୍ରଥମ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଗୋଲାକାରରେ ଠିଆ କରାଇବେ ଓ ନିଜେ ସେମାନଙ୍କ ସହିତ ଠିଆ ହେବେ ।
- ଶିକ୍ଷକ / ଶିକ୍ଷୟିତ୍ରୀ ନିମ୍ନରେ ଥିବା ଢଗଢମାଳିକୁ କହିବେ ଓ ଶିକ୍ଷାର୍ଥୀମାନେ ତାହାର ଉତ୍ତର କହିବେ ।

**କହିଲ ଦେଖି ମୁଁ କେତେ ?**

**୧ – ବାଃ ବାଃ ବାଃ ବାରେ ମଜା**
**୫ ଠାରୁ ବଡ ୭ ଠାରୁ ସାନ , ସଂଖ୍ୟାଟି ଯିଏ କହିବ ।**
**ସିଏ ଖାଇବ ଖଜା ।**

**୨ – ୭ଟି ଥିଲେ ମୂଷା ଛୁଆ ୩ ମିଶିଲେ ସାଥେ ,**
**ଏକାଠି ହେଲେ ମୂଷା ଛୁଆ ।**
**କହିଲ ଦେଖି କେତେ ?**

**୩ – ମୁଁ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ଅଟଇ ।**
**ଏକ ଡଜନକୁ ବୁଝାଇ ଥାଇ ।**
**କହିଲ ଦେଖି ମୁଁ କେତେ ?**

- ଏହିପରି ଢଗଢମାଳିଟିକୁ ବଢାଇ ପାରିବେ ।
- ସମସ୍ତ ଶିକ୍ଷାର୍ଥୀମାନଙ୍କର ସକ୍ରିୟ ଅଂଶ ଗ୍ରହଣକୁ ସୁନିଶ୍ଚିତ କରିବେ ।

**ଆଲୋଚ୍ୟ ପ୍ରଶ୍ନ** –

୧। ଖେଳଟି ତୁମକୁ କିପରି ଲାଗିଲା ?

୨। ଏହିପରି ଖେଳ ତୁମେ ଆଗରୁ କେବେ ଖେଳିଛ କି ?କାହା ସହିତ ଖେଳିଛ ଓ କିପରି ଖେଳିଛ ?

# ମୂର୍ତ୍ତ ପର୍ଯ୍ୟାୟ(Concrete  Stage) – ୩୦ ମିନିଟ

**ଶିକ୍ଷଣ କାର୍ଯ୍ୟ -୧**

**ଶିକ୍ଷଣ ସାମଗ୍ରୀ –** କାଠି ,ରବର ବ୍ୟାଣ୍ଡ , ସ୍ଥାନୀୟ ମାନ ମ୍ୟାଟ

**ଶିକ୍ଷଣ ପ୍ରକ୍ରିୟା -**

ଶିକ୍ଷକ / ଶିକ୍ଷୟିତ୍ରୀ  ଶିକ୍ଷାର୍ଥୀମାନଙ୍କ  ସଂଖ୍ୟା ଅନୁଯାୟୀ ଦଳ ଗଠନ କରି ବସାଇବେ ।
ପ୍ରତି ଦଳରେ ୪-୫ ଜଣ ଶିକ୍ଷାର୍ଥୀ ରହିବେ ।

- ଶିକ୍ଷକ ପ୍ରଥମ , ଦ୍ୱିତୀୟ ,ତୃତୀୟ ଓ ଚତୁର୍ଥ ଦଳକୁ ଯଥାକ୍ରମେ ୬ ଟି , ୯ ଟି ,୧୫ ଟି ଓ ୧୮ ଟି  କାଠି ଦେବେ  ଏବଂ କିଛି ରବର ବ୍ୟାଣ୍ଡ ଓ ଗୋଟିଏ ଲେଖାଏଁ ସ୍ଥାନୀୟମାନ ମ୍ୟାଟ ଦେବେ । ଆବଶ୍ୟକସ୍ଥଳେ ଶିକ୍ଷକ ଡ୍ରଇଂ ସିଟରେ ସ୍ଥାନୀୟମାନ ମ୍ୟାଟ  ପ୍ରସ୍ତୁତ କରିପାରିବେ ।

**ଶିକ୍ଷକଙ୍କ ସୂଚନା -**

- ଦଶଟି ଲେଖାଏଁ  କାଠିକୁ ଗଣି ତାକୁ ରବର ବ୍ୟାଣ୍ଡରେ ବାନ୍ଧି ବିଡ଼ା କରିବ  ।
- ଦଶରୁ କମ ସଂଖ୍ୟକ  କାଠିକୁ ବିଡା କରିବ ନାହିଁ ।
- ପ୍ରତ୍ୟେକ ଦଳ ସ୍ଥାନୀୟମାନ ମ୍ୟାଟରେ  ବିଡା ବନ୍ଧା ହୋଇଥିବା କାଠିକୁ ଦଶକ ଘରେ ଓ ବିଡା ବନ୍ଧା ହୋଇ ନ ଥିବା କାଠିକୁ ଏକକ ଘରେ ସଜାଇ ରଖିବେ ।
- ପ୍ରତି ଦଳ ଏହାର ଉପସ୍ଥାପନା କରିବେ । ଆବଶ୍ୟକ ସ୍ଥଳେ ଶିକ୍ଷକ ସହାୟତା ପ୍ରଦାନ କରିବେ ।

**ସମସ୍ତ ଦଳ ଶିକ୍ଷଣକାର୍ଯ୍ୟ ସମାପ୍ତ କରିସାରିବାପରେ  ଶିକ୍ଷକ ଖୋଲା ଆଲୋଚନା କରିବେ**

- କେଉଁ ଦଳ ବିଡା କରି ପାରିଲେ ଓ କେଉଁ ଦଳ ବିଡା କରି ପାରିଲେ ନାହିଁ  ? କାହିଁକି  ?
- ପ୍ରଥମ ଓ ଦ୍ୱିତୀୟ ଦଳ ଯଥାକ୍ରମେ ୬ କୁ ୬ ଏକ ଓ ୯ କୁ ୯ ଏକ ବୋଲି କହିବେ ।
- ସେହିପରି ତୃତୀୟ ଦଳ  ୧୦ ଟି କାଠିକୁ ଏକାଠି କରି ଗୋଟିଏ ବିଡା କରି ଦଶକ ଘରେ ଓ ଖୋଲା ୫ ଟି କାଠିକୁ ଏକକ ଘରେ ସଜାଇଲେ ବୋଲି କହିବେ  । ଅର୍ଥାତ, ୧୫ ରେ  ୫ ର ସ୍ଥାନୀୟମାନ ୫ ଏକ ଓ ୧ ର ସ୍ଥାନୀୟମାନ ୧ ଦଶ ବୋଲି କହିବେ ।
- ଚତୁର୍ଥ ଦଳ ୧୦ ଟି କାଠିକୁ ଏକାଠି କରି ଗୋଟିଏ ବିଡା କରି ସ୍ଥାନୀୟମାନ ମ୍ୟାଟର ଦଶକ ଘରେ ଓ ୮ ଟି ଖୋଲା କାଠିକୁ ଏକକ ଘରେ ସଜାଇଲୁ ବୋଲି କହିବେ ।   ଅର୍ଥାତ ,୧୮ ରେ  ୮ ର ସ୍ଥାନୀୟମାନ ୮ ଏକ ଓ ୧ ର ସ୍ଥାନୀୟମାନ ୧ ଦଶ ବୋଲି କହିବେ ।

**ଶିକ୍ଷଣ କାର୍ଯ୍ୟ -୧. ୧**

**ଶିକ୍ଷଣ ସାମଗ୍ରୀ –** ନୀଳ ରଡ଼ ଓ ହଳଦିଆ ଘନ


**ଶିକ୍ଷଣ ପ୍ରକ୍ରିୟା -**

- ଏହି ପର୍ଯ୍ୟାୟରେ ଶିକ୍ଷକ/ ଶିକ୍ଷୟିତ୍ରୀ ଉପରୋକ୍ତ ଶିକ୍ଷଣ ସାମଗ୍ରୀକୁ ବ୍ୟବହାର କରି –  ୧୪ ଓ ୧୭ ସଂଖ୍ୟାର  ସ୍ଥାନୀୟମାନର ଧାରଣା ଦେବେ ।
- ଶିକ୍ଷକ/ ଶିକ୍ଷୟିତ୍ରୀ ପ୍ରତି ଦଳକୁ ଗୋଟିଏ ଲେଖାଏଁ ନୀଳ ରଡ଼ ଓ ୨୦ ଟି ହଳଦିଆ ଘନ ଦେବେ ।
- ଦଶ ସହ ପରିଚୟ କରିବା ପାଇଁ ୯ ଟି ହଳଦିଆ ଘନକୁ କ୍ୟୁବରେ ରଖନ୍ତୁ ଏବଂ ପରେ ଆଉ ଗୋଟିଏ ମିଶାଇ ଦିଅନ୍ତୁ । ତାପରେ ଗୋଟିଏ ନୀଳ ରଡ ରଖି ତୁଳନା କରିବା ପାଇଁ କୁହନ୍ତୁ । ତାହା ସମାନ ହେବ ।





ଶିକ୍ଷକ ଉଦାହରଣ ଦେଇ  ଏକ ଅଙ୍କ ଓ ପରେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା (୨୦ ମଧ୍ୟରେ ) ନେଇ  ସ୍ଥାନୀୟମାନ ମ୍ୟାଟରେ  ସଜାଇ ଦେଖାଇଦେବେ ଓ ଅନ୍ୟ  ସଂଖ୍ୟା ଦେଇ ଅଭ୍ୟାସ କାର୍ଯ୍ୟ କରାଇବେ।

| ସ୍ଥାନୀୟମାନ ମ୍ୟାଟ | |
|---|---|
| ଦଶକ | ଏକକ |
|  |  |

# ଚିତ୍ରିତ ପର୍ଯ୍ୟାୟ(Representation Stage) – ୨୦ ମିନିଟ


**ଶିକ୍ଷଣ କାର୍ଯ୍ୟ -୨**

**ଶିକ୍ଷଣ ସାମଗ୍ରୀ -** ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ  ଓ ରଙ୍ଗ ପେନସିଲ

**ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ପାଇଁ ସୂଚନା –**

- ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ  ଓ ରଙ୍ଗ ପେନସିଲ ଦେବେ ।
- ଶିକ୍ଷାର୍ଥୀମାନେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସୂଚନା ଅନୁସାରେ ଦଳରେ କାର୍ଯ୍ୟ କରିବେ ଓ ଆବଶ୍ୟକ ସ୍ଥଳେ ଶିକ୍ଷକ/ଶିକ୍ଷୟିତ୍ରୀ ସହାୟତା ପ୍ରଦାନ କରିବେ ।
- ଶିକ୍ଷକ/ଶିକ୍ଷୟିତ୍ରୀ ଏହି ପର୍ଯ୍ୟାୟର କାର୍ଯ୍ୟକୁ କଳାପଟାରେ କରି ଦେଖାଇବେ ।

- ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାର୍ଥୀମାନଙ୍କୁ ୧୦ ର ଚିତ୍ରିତ ଉପସ୍ଥାପନାକୁ ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦରେ କରି ଦେଖାଇବେ ।




- **୭ ଓ ୧୪** କୁ  ଶିକ୍ଷକ/ଶିକ୍ଷୟିତ୍ରୀ ଉଦାହରଣ ମାଧ୍ୟମରେ ବର୍ଗାକାର କୋଠରି ବିଶିଷ୍ଟ କାଗଜରେ ଚିତ୍ରିତ ଉପସ୍ଥାପନା କରି ବୁଝାଇବେ ।

୭ ର ଚିତ୍ରିତ ଉପସ୍ଥାପନା

| ଦଶକ | | | ଏକକ | | |
|---|---|---|---|---|---|
| | | | ୧ | ୧ | ୧ |
| | | | ୧ | ୧ | ୧ |
| | | | | | |
| | | | ୭ | | |

୧୪ ର ଚିତ୍ରିତ ଉପସ୍ଥାପନା

| ଦଶକ | | | ଏକକ | | |
|---|---|---|---|---|---|
| ୧୦ | | | ୧ | ୧ | ୧ |
| | | | ୧ | | |
| | | | | | |
| ୧ | | | ୪ | | |

ଏହିପରି ଏକ ଅଙ୍କ ଓ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା (୨୦ ମଧ୍ୟରେ )କୁ ନେଇ ଶିକ୍ଷାର୍ଥୀମାନଙ୍କ ସହ ଅଭ୍ୟାସ କାର୍ଯ୍ୟ କରାଇପାରିବେ।

## ଅମୂର୍ତ୍ତ ପର୍ଯ୍ୟାୟ(Abstract Stage)–୧୦ ମିନିଟ୍

**ଶିକ୍ଷଣ କାର୍ଯ୍ୟ -୩**

**ଶିକ୍ଷଣ ସାମଗ୍ରୀ –** କାର୍ଯ୍ୟଫର୍ଦ୍ଦ

- ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରତ୍ୟେକ ଦଳକୁ କାର୍ଯ୍ୟଫର୍ଦ୍ଦ -୧ ଦେବେ ।
- ପ୍ରତି ଦଳ ନିମ୍ନରେ ଦିଆଯାଇଥିବା କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।
- ଆବଶ୍ୟକସ୍ଥଳେ ଶିକ୍ଷକ ସହାୟତା ପ୍ରଦାନ କରିବେ ।

**କାର୍ଯ୍ୟଫର୍ଦ୍ଦ -୧**

ଦିଆଯାଇଥିବା ସଂଖ୍ୟା ୬ , ୯ , ୧୫ ଓ ୧୮ କୁ ନେଇ ଉପଯୁକ୍ତ ସ୍ଥାନୀୟମାନ ଅନୁଯାୟୀ ଦଳରେ ଆଲୋଚନା କରି ଲେଖିବେ ।

କ)

| ଦଶକ | ଏକକ |
|---|---|
| | |

ଖ)

| ଦଶକ | ଏକକ |
|---|---|
| | |

ଗ)

| ଦଶକ | ଏକକ |
|---|---|
| | |

ଘ)

| ଦଶକ | ଏକକ |
|---|---|
| | |

ସମସ୍ତ ଦଳର କାର୍ଯ୍ୟ ଶେଷରେ ଶିକ୍ଷକ ଦଳ ମଧ୍ୟରେ ଅଦଳବଦଳ କରି କାର୍ଯ୍ୟଫର୍ଦ୍ଦ ଗୁଡ଼ିକ ଦେଖିବା ପାଇଁ କହିବେ। ଓ ଶିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଯେକୌଣସି ଦଳ କରିଥିବା ଠିକ ଉତ୍ତର ଗୁଡିକ ସାମନାକୁ ଆସି କହିବେ ଓ ଅନ୍ୟ ଦଳ ନିଜ ଦଳରେ କାର୍ଯ୍ୟଫର୍ଦ୍ଦକୁ ଦେଖିବେ ଓ ଭୁଲ ଥିଲେ ସଂଶୋଧନ କରିବେ।

## ଅଭ୍ୟାସ କାର୍ଯ୍ୟ -(୨୦ ମିନିଟ୍ )

**ଶିକ୍ଷଣ କାର୍ଯ୍ୟ -୪**

ଶିକ୍ଷାର୍ଥୀମାନେ ବ୍ୟକ୍ତିଗତ ଭାବରେ ପାଠ୍ୟ ପୁସ୍ତକ ପୃଷ୍ଠା - ୮୩ ଓ କାର୍ଯ୍ୟପୁସ୍ତିକାର ପୃଷ୍ଠା -୩୭ କୁ କରିବେ । ଆବଶ୍ୟକସ୍ଥଳେ ଶିକ୍ଷକ/ଶିକ୍ଷୟିତ୍ରୀ ସହାୟତା କରିବେ ଓ ସଂଶୋଧନ କରିବେ ।

| ଶ୍ରେଣୀ | ପାଠ୍ୟପୁସ୍ତକର ଅଭ୍ୟାସକାର୍ଯ୍ୟ | କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ |
|---|---|---|
| ପ୍ରଥମ | ପୃଷ୍ଠା - ୮୩ ର ପ୍ରଶ୍ନ - ୭ | ପୃଷ୍ଠା- ୩୭ |

- ଶିକ୍ଷକ/ଶିକ୍ଷୟିତ୍ରୀ ସ୍ୱାକ୍ଷର କରିବେ ଓ ବ୍ୟକ୍ତିଗତ ପ୍ରତିପୃଷ୍ଟି ଦେବେ ।

ଆଜି ଆମେ କ'ଣ ଶିଖିଲେ –

ଆଜି ଆମେ ବିଭିନ୍ନ ପର୍ଯ୍ୟାୟରେ ସ୍ଥାନୀୟମାନ ଅନୁସାରେ ଏକଅଙ୍କ ଓ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ( ୧ ରୁ ୨୦ ମଧ୍ୟରେ ) ଚିହ୍ନଟ କରି ଲେଖିଲେ ।

**ବି.ଦ୍ର.- ସ୍ଥୂଳ ପର୍ଯ୍ୟାୟ (Concrete Phase )ରେ ଖେଳନା ନୋଟ , ସ୍ଥାନୀୟମାନ ପଟି , ବିଦ୍ୟାଳୟରେ ପ୍ରସ୍ତୁତ କରାଯାଉଥିବା ଶିକ୍ଷଣ ସାମଗ୍ରୀ ଓ ପରିବେଶରେ ଉପଲବ୍ଧ ସାମଗ୍ରୀକୁ ନେଇ ସ୍ଥାନୀୟମାନର ଧାରଣା ଦେଇ ପାରିବେ ।**